**Term End Examination- June 2018**
**Program Title: ଓଡ଼ିଆ ଭାଷା ଓ ଯୋଗାଯୋଗ ଡ଼ିପ୍ଲୋମା କାର୍ଯ୍ୟକ୍ରମ (DOLC)**
**Course Title : କଥନ/ଲିଖନ କୌଶଳ**
**Course Code : DOLC -04**

ସମୟ : ୩ ଘଣ୍ଟା

ପୂର୍ଣ୍ଣସଂଖ୍ୟା :୧୦୦

'କ' ବିଭାଗରୁ ୧୦ଟି ପ୍ରଶ୍ନର ଉତ୍ତର, 'ଖ' ବିଭାଗରୁ ଯେକୌଣସି ୪ଟି ପ୍ରଶ୍ନର ଉତ୍ତର, 'ଗ' ବିଭାଗରୁ ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଓ 'ଘ' ବିଭାଗରୁ ୨ଟି ପ୍ରଶ୍ନର ଉତ୍ତର ଲେଖ।

## 'କ' ବିଭାଗ

ପ୍ରତ୍ୟେକ ପ୍ରଶ୍ନରୁ ଗୋଟିଏ ଲେଖାଏଁ ସଠିକ୍ ଉତ୍ତର ବାଛ।

ପ୍ରଶ୍ନ -୧: ୧x୧୦=୧୦

(କ) ମନୁଷ୍ୟ ପ୍ରଥମେ ନିଜର ଭାବ ବ୍ୟକ୍ତ ପାଇଁ କେଉଁ ମାଧମ ବ୍ୟବହାର କରୁଥିଲା ?

(୧) ଲିଖନ (୨) କଥନ (୩) ଠାର (୪) କେଉଁଟିବି ନୁହେଁ।

(ଖ) ଭାଷା ଓ ଭାବକୁ କିଏ ବାନ୍ଧି ରଖେ ?

(୧) ସ୍ୱର (୨) ଲିପି (୩) ବାଗ୍‌ଯନ୍ତ୍ର (୪) ଧ୍ୱନି

(ଗ) ପ୍ରଥମେ କେଉଁଥିରେ ପତ୍ର ଲେଖାଯାଉଥିଲା ?

(୧) ପଥର (୨) ତାଳପତ୍ର (୩) କାଗଜ (୪) କମ୍ପ୍ୟୁଟର

(ଘ) 'ସମାଜ' ସମ୍ବାଦପତ୍ରକୁ କିଏ ପ୍ରଥମେ ପ୍ରକାଶ କରିଥିଲେ ?

(୧) ନୀଳକଣ୍ଠ (୨) ଗୋପବନ୍ଧୁ (୩) ଗୋଦାବରୀଶ (୪) ରାଧାନାଥ ରଥ

(ଙ) ବ୍ୟକ୍ତିଗତ ପତ୍ରର କେଉଁ ପାର୍ଶ୍ୱରେ ସ୍ଥାନ ଓ ତାରିଖ ଲେଖାଯାଏ ?

(୧) ବାମ (୨) ଡାହାଣ (୩) ତଳ (୪) ଉପର

(ଚ) ବକ୍ତୃତାକୁ କେତୋଟି ଭାଗରେ ବିଭକ୍ତ କରାଯାଏ ?

(୧) ଦୁଇ (୨) ତିନି (୩) ଚାରି (୪) ପାଞ୍ଚ

(ଛ) ବିତର୍କ ଅଂଶ ଗ୍ରହଣକାରୀ କେଉଁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ?

(୧) ନିଜଇଚ୍ଛା (୨) ଶ୍ରୋତାଙ୍କ ଇଚ୍ଛା (୩) ବିଚାରକଙ୍କ ଇଚ୍ଛା (୪) ଶିକ୍ଷକଙ୍କ ଇଚ୍ଛା

(ଜ) ସରକାରୀ ପତ୍ର କାହାକୁ କୁହାଯାଏ ?

(୧) ସରକାରଙ୍କ ଠାରୁ ଆସିଥିବା ପତ୍ର (୨) ବେସରକାରୀ ପତ୍ର (୩) ବ୍ୟକ୍ତିଗତ ପତ୍ର (୪) ନିମନ୍ତ୍ରଣ ପତ୍ର

(ଝ) ଓକ୍‌ଲାତ୍ ନାମା କେଉଁଠାରେ ବ୍ୟବହୃତ ହୁଏ ?

(୧) ବିଶ୍ୱବିଦ୍ୟାଳୟରେ (୨) ବାଣିଜ୍ୟ କେନ୍ଦ୍ରରେ (୩) ନ୍ୟାୟାଳୟରେ (୪) ପର୍ଯ୍ୟଟନସ୍ଥଳୀରେ।

(ଞ) ପାଉତି, କ'ଣ କଲେ ମିଳେ ?

(୧) ଭୋଟଦେଲେ (୨) ପରୀକ୍ଷାଦେଲେ (୩) ଟ୍ରେନରେ ଗଲେ (୪) ଖଜଣା ଦେଲେ

## 'ଖ' ବିଭାଗ

ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ । (ପ୍ରତ୍ୟେକଟି ୫୦ଟି ଶବ୍ଦ ମଧ୍ୟରେ)

ପ୍ରଶ୍ନ -୨: ୫x୪=୨୦

(କ) ଦଳଗତ ଆଲୋଚନାରେ ଭାଗନେବା ପୂର୍ବରୁ କିପରି ପ୍ରସ୍ତୁତ ହେବା ଆବଶ୍ୟକ ?

(ଖ) ସଂପାଦନା କହିଲେ କ'ଣ ବୁଝ ?

(ଗ) ପତ୍ରଲିଖନ ପଦ୍ଧତି ସଂପର୍କରେ ଯାହା ଜାଣ ଲେଖ ।

(ଘ) ପ୍ରବନ୍ଧର ପ୍ରକାର ଭେଦ ଆଲୋଚନାକର ।

(ଙ) ବକ୍ତୃତା ପ୍ରଦାନରେ ସମୟ ସଚେତନତାର ଗୁରୁତ୍ୱ ଉଲ୍ଲେଖକର ।

(ଚ) ବ୍ରତୋପଯନ ନିମିତ୍ତ ଏକ ନିମନ୍ତ୍ରଣପତ୍ରର ନମୁନା ଲେଖ ।

## 'ଗ' ବିଭାଗ

ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ । (ପ୍ରତ୍ୟେକଟି ୨୦୦ ଶବ୍ଦ ମଧ୍ୟରେ)

ପ୍ରଶ୍ନ -୩: ୧୦x୪=୪୦

(କ) କଥନ କୌଶଳ କହିଲେ କ'ଣ ବୁଝାଏ, ଆଲୋଚନାକର ।

(ଖ) ଶୋକ ସଭାରେ ପ୍ରଦାନ କରିବାକୁ ଥିବା ଭାଷଣର ବୈଶିଷ୍ଟ୍ୟଗୁଡ଼ିକୁ ଦର୍ଶାଅ ।

(ଗ) ସାକ୍ଷାତ୍‌କାର କହିଲେ କ'ଣ ବୁଝ, ଏଥିନିମିତ୍ତ କିପରି ପ୍ରସ୍ତୁତ ହେବା ଆବଶ୍ୟକ ?

(ଘ) ପ୍ରେସ୍ ଇସ୍ତାହାର କହିଲେ କ'ଣ ବୁଝ, ଏକ ନମୁନା ପ୍ରେସ୍ ଇସ୍ତାହାର ଲେଖି ଆଲୋଚନାକର ।

(ଙ) ସଂପାଦନାର ସଂଜ୍ଞା ଓ ସ୍ୱରୂପ ଆଲୋଚନାକର ।

(ଚ) ପ୍ରବନ୍ଧର ସ୍ୱରୂପ ଆଲୋଚନାକର ।

## 'ଘ' ବିଭାଗ

ଯେକୌଣସି ୨ଟି ପ୍ରଶ୍ନର ଉତ୍ତର ଲେଖ । (ପ୍ରତ୍ୟେକଟି ୨୫୦ ଶବ୍ଦ ମଧ୍ୟରେ)

୧୫x୨=୩୦

ପ୍ରଶ୍ନ -୪: ବିତର୍କ ଓ ବକ୍ତୃତା ମଧ୍ୟରେ ରହିଥିବା ପାର୍ଥକ୍ୟ ଆଲୋଚନା କରି ଏହାର ପ୍ରସ୍ତୁତି କୌଶଳ ଦର୍ଶାଅ ।

ପ୍ରଶ୍ନ -୫: ଦଳଗତ ଆଲୋଚନା କାହାକୁ କୁହାଯାଏ, ଏଥିରେ ଜଣେ ପ୍ରତିଯୋଗୀ କିପରି ସଫଳ ହେବ ?

ପ୍ରଶ୍ନ -୬: ସ୍ୱଗତ କଥନ ଓ ସଂଳାପଭଙ୍ଗୀର ବୈଶିଷ୍ଟ୍ୟ ଆଲୋଚନାକର ।

ପ୍ରଶ୍ନ -୭: ସଂପାଦନାର ପ୍ରକାରଭେଦ ଦର୍ଶାଇ ଏହାର ବୈଶିଷ୍ଟ୍ୟଗୁଡ଼ିକ ଲେଖ ।

*****